# ତହସିଲଦାରଙ୍କ କାର୍ଯ୍ୟାଳୟ, ଆଠଗଡ

ବିଜ୍ଞପ୍ତି ସଂଖ୍ୟା: ୩୮୫୮ /ତାରିଖ ୦୨.୧୧.୨୦୨୦

## ଲଘୁ ଖଣିଜ ଉତ୍ସ ଦୀର୍ଘ ମିଆଦୀ ଲିଜ ନିମନ୍ତେ ବିଜ୍ଞାପନ

(ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ – ୨୦୧୬ ଅନୁଯାୟୀ)

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ଆଠଗଡ଼ ତହସିଲ ଅନ୍ତର୍ଗତ ନିମ୍ନ ଲିଖିତ ଲଘୁ ଖଣିଜ ଉତ୍ସ ୫ ବର୍ଷ ନିମନ୍ତେ ଦୀର୍ଘ ମିଆଦି ସୁତ୍ରେ ଲିଜ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rules – 2016 ରେ ପ୍ରଦତ୍ତ FORM – M ପୁରଣ କରି ତିନୋଟି କପି ସହ ନିମ୍ନଲିଖିତ ଆବଶ୍ୟକୀୟ ଦସ୍ତାବିଜ ସଲଗ୍ନ କରି ଜଉମୁଦ ଲଫାପାରେ ତହସିଲଦାର, ଆଠଗଡଙ୍କ କାର୍ଯ୍ୟାଳୟରେ ଥିବା Drop Box/ Registered Post / Speed Post ରେ ଆସନ୍ତା **ତା୨୩.୧୧.୨୦୨୦ରିଖ** ଠାରୁ **ତା୦୧.୧୨.୨୦୨୦ରିଖ ଅପରାହ୍ନ ୫.୩୦ ଘଟିକା** ପର୍ଯ୍ୟନ୍ତ ପକାଇ ପାରିବେ (ଛୁଟିଦିନ ବ୍ୟତିତ) । ଲଫାପା ଉପରେ ଲଘୁ ଖଣିଜ ଉତ୍ସର ନାମ, ଦରଖାସ୍ତକାରୀଙ୍କର ନାମ, ଠିକଣା ଓ ଫୋନ ନମ୍ବର ସ୍ପଷ୍ଟ ଭାବରେ ଲେଖାଥିବା ଆବଶ୍ୟକ। **ତା୦୧.୧୨.୨୦୨୦ରିଖ** ପରେ ପ୍ରାପ୍ତ ହୋଇଥିବା କୌଣସି ଦରଖାସ୍ତକୁ ବିଚାରକୁ ନିଆଯିବନାହିଁ । କୌଣସି କାରଣ ନ ଦର୍ଶାଇ ନିଲାମକୁ ସ୍ଥଗିତ / ରଦ୍ଧ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ, କଟକଙ୍କର ରହିଅଛି । **ତା୦୨.୧୨.୨୦୨୦ରିଖ** ଦିବା ୧୧ ଘଟିକା ସମୟରେ ଉପଜିଲ୍ଲାପାଳ, ଆଠଗଡଙ୍କ କାର୍ଯ୍ୟାଳୟ ଠାରେ ଦରଖାସ୍ତକାରୀ କିମ୍ବା ତାଙ୍କଦ୍ୱାରା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ Auction Drop Box ଖୋଲାଯାଇ ଗ୍ରହଣ କରାଯାଇଥିବା ଦରଖାସ୍ତ ଗୁଡିକୁ ତନଖି କରାଯିବ ଏବଂ OMMC Rules – 2016 ଅନୁଯାୟୀ ସମସ୍ତ ସର୍ତ୍ତାବଳୀ ପୁରଣ କରୁଥିବା ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯାଇ ତନ୍ମଧ୍ଯରୁ ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge) ଉଲ୍ଲେଖ କରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକୁ ବାତିଲ କରିଦିଆଯିବ। ଉପରୋକ୍ତ ଦିନ ବୈଧ ଦରଖାସ୍ତ ଅଭାବରୁ ଯୋଗ୍ୟ ଲିଜଧାରୀ ଚୟନ ନ ହୋଇ ପାରିଲେ ପୁନଃ ନିଲାମ ଯଥାକ୍ରମେ **ତା୦୮.୧୨.୨୦୨୦ରିଖ** ଦିବା ୧୧ ଘଟିକା ଏବଂ **ତା୧୫.୧୨.୨୦୨୦ରିଖ** ଦିବା ୧୧ ଘଟିକାରେ ଅନୁଷ୍ଠିତ ହେବ। ଉପରୋକ୍ତ ୨ୟ ଓ ୩ୟ ପର୍ଯ୍ୟାୟ ନିଲାମ ତାରିଖର ପୁର୍ବ କାର୍ଯ୍ୟ ଦିବସ ଅପରାହ୍ନ ୫.୩୦ଘଟିକା ପର୍ଯ୍ୟନ୍ତ ଦରଖାସ୍ତ ଗ୍ରହଣୀୟ ।

ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ –

୧. ଦରଖାସ୍ତ ଫି. ବବାଦକୁ ଟ. ୧୦୦୦.୦୦ (ଏକ ହଜାର) ଟଙ୍କାର ଟ୍ରେଜେରୀ ଚାଲାଣ (Head of Account – 0853 – NonFerrousMining and MeteorologicalIndustries- 102 -Mineral ConcessionFees, Rent & Royalties) ଦାଖଲ କରିବେ ଏବଂ ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।

୨. ଉତ୍ସର ନାମ, ତଫସିଲ ଏବଂ ସରହଦ ବିବରଣୀ ସଂଲଗ୍ନ କରିବା ହେବେ ।

୩. ଦରଖାସ୍ତକାରୀଙ୍କ ନାମରେ Mines and Mineral (Development & Regulation Act 1957 & OMMC Rules -2016) ଅନୁଯାୟୀ କୌଣସି ଖଣିଜ ପ୍ରାପ୍ୟ ବକେୟା ନଥିବା ଦର୍ଶାଇ ଏକ ସତ୍ୟପାଠ ଦାଖଲ କରିବେ।

୪. ଦରଖାସ୍ତକାରୀ ୧୮ ମାସର ଅବଧି ଥାଇ ଏକ Solvency Certificate କିମ୍ବା Bank Guarantee ଦାଖଲ କରିବେ ଯାହାର ସର୍ବନିମ୍ନ ମୂଲ୍ୟ ସଇରାତ ଉତ୍ସର ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (Minimum Guaranteed

Quantity) ମୁତାବକ ଅର୍ପିତ ଅତିରିକ୍ତ ଦେୟ (Additional Charge) ଓ ରାଜଭାଗ (Royalty)ର ସମପରିମାଣର ହେବା ଆବଶ୍ୟକ ।

[Requisite Amount of Solvency / Bank Guarantee]

= (Offered Additional Charge + Royalty) X Minimum Guaranteed Quantity (For One Year)

୫. ଦରଖାସ୍ତକାରୀ ଆବେଦନ କରୁଥିବା ସଇରାତ ଉତ୍ସର EMD (Earnest Money Deposit) ବ୍ୟାଙ୍କ ଡ୍ରାଫ୍ଟ ଜରିଆରେ Tahasildar, Athagarh ( payable at Athagarh ) ଙ୍କ ନାମରେ ଜମା କରିବେ। ଯାହାର ପରିମାଣ [(Minimum Guaranteed Quantity) x (Royalty + Offered Additional Charges)] ର ଶତକଡା ୫% ରହିବ। ଅନ୍ୟଥା ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ।

୬. ଦରଖାସ୍ତକାରୀ ଗତବର୍ଷର ଆୟକର ଦାଖଲ (Income Tax Return) ବିବରଣୀର ନକଲ / GST Clearance Certificate ର ନକଲ ଦାଖଲ କରିବେ ।

୭. ଯଦି ଇସ୍ତାହାରରେ ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା, କ୍ଷମତା ପ୍ରାପ୍ତ ଅଧିକାରୀ / ଜିଲ୍ଲାପାଳ କଟକଙ୍କର ରହିଅଛି । ସଇରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରେ ସମସ୍ତ କାର୍ଯ୍ୟ ଦିବସ(ଛୁଟିଦିନ ବ୍ୟତିତ)ରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣି(www.cuttack.nic.in) ରେ ଉପଲବ୍ଧ।

ଲଘୁ ଖଣିଜ ଉତ୍ସର ବିବରଣୀ

| କ୍ରମିକ ନଂ | ସଇରାତ କେଶ ନଂ | ଲଘୁ ଖଣିଜ ଉତ୍ସର ନାମ | ମୌଜା | ଖାତା | ଖସଡା | ରକବା | କିସମ | ସର୍ବନିମ୍ନ ବାର୍ଷିକ ଗଚ୍ଛିତ ପଦାର୍ଥର ପରିମାଣ (MGQ ) (ଘନ ମିଟର) | ଲଘୁ ଖଣିଜ ପଦାର୍ଥର ଧାର୍ଯ୍ୟ ରୟାଲିଟି (ଘନ ମିଟର ପ୍ରତି) | ସର୍ବନିମ୍ନ ଧାର୍ଯ୍ୟ ଅତିରିକ୍ତ ଦେୟ ଘ.ମି ପ୍ରତି (Additional Charge per Cubic Meter) |
|---|---|---|---|---|---|---|---|---|---|---|
| ୧ | ୧/୨୦୨୦-୨୧ | ବଳରାମପୁର ନଦୀ ବାଲି ଉତ୍ସ | ବଳରାମପୁର | ୧୯୭ | ୩୯୯ (ସ୍ମ) | ୪୧୨.୦୦ | ନଦୀ | ୧୫୦୦୦ ଘନ ମିଟର | ଟ. ୩୫.୦୦ | ଟ.୧୦.୦୦ |

ଠିକଣା

ତହସିଲଦାର, ଆଠଗଡ,
ତହସିଲ କାର୍ଯ୍ୟାଳୟ, ଆଠଗଡ
ସା/ ପୋ – ଆଠଗଡ,
ଥା- ଆଠଗଡ
ଜିଲ୍ଲା – କଟକ
ପିନ – ୭୫୪୦୨୯

02.11.2020

ତହସିଲଦାର, ଆଠଗଡ

# ସର୍ତ୍ତାବଳୀ

1. ଆବେଦନକାରୀମାନେ OMMC Rules – 2016 ଓ Manual of Tahasil Accounts ରେ ଥିବା ବ୍ୟବସ୍ଥା ର ପରିସରଭୁକ୍ତ ରହିବେ ।

2. ସର୍ବୋଚ୍ଚ ଅତିରିକ୍ତ ଦେୟ ପ୍ରଦାନ (Quote) କରିଥିବା ଆବେଦନକାରୀଙ୍କୁ ଲିଜ ମଞ୍ଜୁର ନିମନ୍ତେ ଚୟନ କରାଯିବ । ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସଇରାତ ଉତ୍ସ ନିମନ୍ତେ ସମାନ ସର୍ବୋଚ୍ଚ ଅତିରିକ୍ତ ଦେୟ ପ୍ରଦାନ(Quote) କରିଥାନ୍ତି ତେବେ ଲଟେରୀ ମାଧ୍ୟମରେ (By Draw of Lots) ନିଲାମଧାରୀ ଚୟନ କରାଯିବ ।

3. ଆବେଦନକାରୀ ଲିଜ ପାଇଁ ଉଦ୍ଦିଷ୍ଟ ନିଲାମରେ ଭାଗ ନେବା ପୂର୍ବରୁ ବାଲି ଉତ୍ସ ଗୁଡିକ ପରିଦର୍ଶନ କରି ସଇରାତ ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଏହି ଲିଜ ଉଦ୍ଦିଷ୍ଟ ନିଲାମରେ ଅଂଶଗ୍ରହଣ କରିବେ। ଲିଜ ବନ୍ଦୋବସ୍ତ ପରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ଏବଂ ସେଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ। ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ମଧ୍ୟରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

4. ଚୟନ କରାଯାଇଥିବା ନିଲାମ ଧାରୀ ଙ୍କୁ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ Form –F ମାଧ୍ୟମରେ ଚୟନ ସମ୍ବନ୍ଧୀୟ ତଥ୍ୟ ଏବଂ ସଇରାତ ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ସର୍ତ୍ତାବଳୀ ଯୋଗାଇ ଦିଆଯିବ । ଏହି Form –F ପାଇବାର ୧୫ ଦିନ ମଧ୍ୟରେ ଚୟନ ହୋଇଥିବା ନିଲାମ ଧାରୀ ନିଲାମ ନେବା ନେଇ ନିଜର ସ୍ୱୀକୃତି ପ୍ରଦାନ କରିବେ ଏବଂ ବାର୍ଷିକ ଦେୟ [{(Minimum Guaranteed Quantity)x (Royalty +Offered Additional Charges)} + (District Mineral Foundation)] ର ଏକ ଚତୁର୍ଥାଂଶ Earnest Money କୁ ବାଦ ଦେଇ ବଳକା ରାଶିର ପରିମାଣ ଜମା କରିବେ ଏବଂ ଏଥି ସହ ପୂର୍ବରୁ ଦାଖଲ ହୋଇଥିବା Earnest Money କୁ ଏକତ୍ର କରି ସୁଧ ରହିତ ଅମାନତ ରାଶି (Security Deposit) ଭାବରେ ରଖାଯିବ । ଅମାନତ ରାଶିର ପରିମାଣ ଲିଜ ଫାଇନାଲ ହେବା ପରେ ସ୍ଥିର କରାଯିବ ।ଯଦି ମନୋନୀତ ବ୍ୟକ୍ତି ୧୫ ଦିନ ମଧ୍ୟରେ ସମ୍ମତି ନ ଦିଅନ୍ତି ଏବଂ ଅମାନତ ରାଶି ପଇଠ ନକରନ୍ତି, ତେବେ ଦ୍ୱିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ଏବଂ ନିଲାମ ଧାରୀ ଙ୍କ Earnest Moneyକୁ ବାଜ୍ୟାପ୍ତି କରାଯିବ । ନିଲାମଧାରୀ ଙ୍କ ସ୍ୱୀକୃତି ପରେ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରି ଅଯୋଗ୍ୟ ବିବେଚିତ ହୋଇଥିବା ଆବେଦନକାରୀଙ୍କ Earnest Money କୁ ଫେରସ୍ତ କରିଦିଆଯିବ ।

5. ଲିଜଧାରୀ Mining Plan, Environmental Clearance ଏବଂ Advertising ର ମୂଲ୍ୟ ଦାଖଲ କରିବେ ନଚେତ ଲିଜ ବାତିଲ କରାଯିବ । ସର୍ବୋଚ୍ଚ ନିଲାମଧାରୀ ବାଲି ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ (Consent to operate) ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (Odisha Pollution Control Board) ରୁ ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ । **ବିନା Consent to Operate Order ରେ ଲିଜଧାରୀ ଖଣିଜ ଦ୍ରବ୍ୟ ଉତ୍ତୋଳନ କରିପାରିବେ ନାହିଁ ।**

6. ନିଲାମଧାରୀ ସମସ୍ତ ଦେୟ ଜମା କରିବା ପରେ, ସେ Form –N ରେ ଚୁକ୍ତିପତ୍ର ସ୍ୱାକ୍ଷର କରିବା ସହ ନିଜ ଖର୍ଚ୍ଚରେ Lease Deed ରେଜିଷ୍ଟ୍ରି (Registration Act – 1908 and Stamp Act 1890 & 1899 ଅନୁଯାୟୀ) ସମ୍ପାଦନ କରିବେ ।

7. OMMC Rules – 2016 ନିୟମାବଳୀ ଅନୁଯାୟୀ ଆବଶ୍ୟକ ସ୍ଥଳେ ପଇଠ ହୋଇଥିବା ଜମାରାଶି ବାଜ୍ୟାପ୍ତି କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିବ ।

8. ଲିଜଧାରୀ ସଇରାତ ଉତ୍ସ ସମ୍ବନ୍ଧୀୟ ସମସ୍ତ ଦେୟ ଯଥା Royalty, Additional Charge, Dead Rent, Surface Rent, DMF, EMF ଓ ଅନ୍ୟାନ୍ୟ ଦେୟ OMMC Rules – 2016 ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ ପଇଠ କରିବେ ଏବଂ ଏ ସମସ୍ତ ଦେୟର 2% ଆୟ କର (TDS) ବାବଦକୁ ଜମା କରିବେ।

9. ଲିଜଧାରୀ ଲିଜ ଅବଧି ମଧ୍ୟରେ ପରବର୍ତ୍ତୀ ବର୍ଷଗୁଡିକ ପାଇଁ ବାର୍ଷିକ ଦେୟ (ଯଥା – ରୟାଲିଟି, ଅତିରିକ୍ତ ଦେୟ ଓ ଅନ୍ୟାନ୍ୟ ଲିଜ ଦେୟ ବର୍ଷ ଆରମ୍ଭରୁ(ଜାନୁୟାରୀ ୧୫ ତାରିଖ ମଧ୍ୟରେ) ଅଗ୍ରିମ ପଇଠ କରିବେ।

10. ଲିଜ ଧାରୀ ସଇରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ବାଡ ଦେଇ ଚିହ୍ନଟ କରିବେ ଏବଂ ତାହା ସାମ୍ନାରେ ଫଳକ (Display Board) ଏବଂ ଆବଶ୍ୟକୀୟ ବ୍ୟବସ୍ଥା କରି ସେଥିରେ ସଇରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟ ସମ୍ପାଦନ ପାଇଁ ସମସ୍ତ ଖର୍ଚ୍ଚ ଲିଜଧାରୀ ବହନ କରିବେ ।

11. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସଇରାତ ଉପରୁ ବାଲି ଉଠାଇ ପାରିବେ ନାହିଁ ।

12. ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀ ଓ ଅନ୍ୟାନ୍ୟ କାଗଜାତ ଆଠଗଡ ତହସିଲ କାର୍ଯ୍ୟାଳୟ ରେ ଛୁଟିଦିନ ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସରେ ପାଇ ପାରିବେ । ଏହି ଇସ୍ତାହାର ର ସଂପୂର୍ଣ୍ଣ ବିବରଣୀ ଜିଲ୍ଲା ସରକାରୀ ୱେବସାଇଟ (www.cuttack.nic.in) ରେ ଦେଖିପାରିବେ ।

13. ନିଲାମ ଦରଖାସ୍ତକାରୀ ମାନେ ଓଡ଼ିଶା ଲଘୁଖଣିଜ ନିୟମ ୨୦୧୬ (OMMC Rules – 2016) ଏବଂ ତତ ସଂଲଗ୍ନ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ ହେବେ ।

14. ଲିଜଧାରୀ ଏକ ସ୍ୱତନ୍ତ୍ର ରେଜିଷ୍ଟରରେ ପ୍ରତ୍ୟେକ ଦିନ ଉତ୍ତୋଳନ ଓ ପରିବହନ ହେଉଥିବା ଲଘୁଖଣିଜ ଦ୍ରବ୍ୟ ହିସାବ ଲିପିବଦ୍ଧ କରିବା ସହିତ ଲଘୁ ଖଣିଜ ଉତ୍ତୋଳନ ଏବଂ ପରିବହନର ତ୍ରୟମାସିକ ହିସାବ (Form – P) ଏବଂ ବାର୍ଷିକ ହିସାବ (Form – K) ରେ ଏହି କାର୍ଯ୍ୟାଳୟ ରେ ଦାଖଲ କରିବେ ।

15. ଯଦି ଉକ୍ତ ନିଲାମ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ସଂଶୋଧନ କରିବାର ଅଧିକାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ର ରହିଛି ଏବଂ କ୍ଷମତାପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ ବାତିଲ ବା ସ୍ଥଗିତ କରିପାରିବେ ।

16. ଲିଜ ଅବଧି ମଧ୍ୟରେ ଲିଜଧାରୀ ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀର ଉଲଂଘନ କଲେ ତାଙ୍କ ଲିଜ ରଦ୍ଦ କରିବା ସଙ୍ଗେ ସଙ୍ଗେ ଜମାରାଶିକୁ ବାଜ୍ୟାପ୍ତି କରାଯିବ ।

17. ଲିଜଧାରୀ Mines Act 1952 ଏବଂ Explosive Act 1984 ର ସମସ୍ତ ନିୟମ ସର୍ତ୍ତାବଳୀର ଅନ୍ତର୍ଭୁକ୍ତ ରହିବେ ।

02.11.2020

ତହସିଲଦାର, ଆଠଗଡ

ଜ୍ଞାପନ ସଂଖ୍ୟା ୩୮୫୯/ ତା ୦୨.୧୧.୨୦୨୦

ଏହାର ଏକାକିତା ନକଲ ନକଲ ଜିଲ୍ଲାପାଳ, କଟକ / ଉପ – ଜିଲ୍ଲାପାଳ, ଆଠଗଡ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

02.11.2020

ତହସିଲଦାର, ଆଠଗଡ

ଜ୍ଞାପନ ସଂଖ୍ୟା ୩୮୬୦/ ତା ୦୨.୧୧.୨୦୨୦

ଏହାର ଏକାକିତା ନକଲ DIO, NIC, Cuttack ଙ୍କ ଅବଗତି ତଥା କଟକ ଜିଲ୍ଲା website ରେ ଉପଲବ୍ଧ କରିବା ନିମନ୍ତେ ଏବଂ DIPRO, Collectorate, Cuttack ଙ୍କ ଅବଗତି ତଥା ଦୈନିକ ଓଡିଆ ଖବରକାଗଜ ରେ ବିଜ୍ଞାପନ ନିମନ୍ତେ ପ୍ରେରଣ କରାଗଲା ।

02.11.2020

ତହସିଲଦାର, ଆଠଗଡ

ଜ୍ଞାପନ ସଂଖ୍ୟା ୩୮୬୧/ ତା ୦୨.୧୧.୨୦୨୦

ଏହାର ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଆଠଗଡଙ୍କ ନୋଟିସ ବୋର୍ଡ / ଆଠଗଡ ତହସିଲ କାର୍ଯ୍ୟାଳୟର ନୋଟିସ ବୋର୍ଡ/ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡ/ ସମସ୍ତ ଗ୍ରାମ ପଞ୍ଚାୟତଙ୍କ କାର୍ଯ୍ୟାଳୟରେ ଏବଂ ସମ୍ପୃକ୍ତ ଗ୍ରାମ ଏବଂ ସଇରାତ ସ୍ଥଳରେ ରେ ଜନସାଧାରଣଙ୍କ ଅବଗତି ଏବଂ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

02.11.2020

ତହସିଲଦାର, ଆଠଗଡ

# ତହସିଲଦାରଙ୍କ କାର୍ଯ୍ୟାଳୟ, ଆଠଗଡ

ଦୂରଭାଷ- ୦୬୭୨୩-୨୨୦୨୩୭ E-Mail:- tah.athagarh@nic.in


ବିଜ୍ଞପ୍ତି ସଂଖ୍ୟା: 3862 /ତାରିଖ 2/11/2020

## ଲଘୁ ଖଣିଜ ଉତ୍ସ ଦୀର୍ଘ ମିଆଦୀ ଲିଜ ନିମନ୍ତେ ବିଜ୍ଞାପନ

ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କଟକ ଜିଲ୍ଲା ଅନ୍ତର୍ଗତ ଆଠଗଡ ତହସିଲ ଅଧିନରେ ଥିବା ବଳରାମପୁର ନଦୀବାଲି ଲଘୁ ଖଣିଜ ଉତ୍ସକୁ ଆଗାମୀ ୫ ବର୍ଷ ନିମନ୍ତେ ଦୀର୍ଘ ମିଆଦୀ ଲିଜ ସୁତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କ ଠାରୁ ତା ୨୩.୧୧.୨୦୨୦ ରିଖ ଠାରୁ ତା ୦୧.୧୨.୨୦୨୦ରିଖ ମଧ୍ୟରେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଉକ୍ତ ସଇରାତ ଉତ୍ସର ଲିଜ ସମ୍ବନ୍ଧୀୟ ସମସ୍ତ ତଥ୍ୟ କଟକ ଜିଲ୍ଲା ୱେବସାଇଟ www.cuttack.nic.in ରେ ଉପଲବ୍ଧ ହେବ। ବିଶେଷ ବିବରଣୀ ଓ ଅନ୍ୟାନ୍ୟ ନିୟମାବଳି ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ତହସିଲ କାର୍ଯ୍ୟାଳୟ ଆଠଗଡରେ ଯେକୌଣସି କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରିବେ।

Sd/- 02-11-20

ତହସିଲଦାର, ଆଠଗଡ